## ସଂକ୍ଷେପରେ

### ସାବତ ଝିଅକୁ ନିର୍ଯାତନା, ବାପା ଗିରଫ

ରାଇଘର,୨୨।୪(ଡି.ଏନ.ଏ): ସାବତ ଝିଅକୁ ନିର୍ଯାତନା ଦେବା ଅଭିଯୋଗରେ ସୋମବାର ବାପାକୁ ରାଇଘର ପୋଲିସ ଗିରଫ କରିଛି। ନାବାଳିକା ଜଣକ ରାଇଘର ଅଞ୍ଚଳର ଏକ ଛାତ୍ରାବାସରେ ରହି ନବମ ଶ୍ରେଣୀରେ ପାଠ ପଢୁଛନ୍ତି। ଚଳିତ ବର୍ଷ ଖରାଛୁଟିରେ ଘରକୁ ଯିବା ପାଇଁ ନାବାଳିକା ଜଣକ ମନା କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ କାରଣ ପଚାରିବାରୁ ଛାତ୍ରୀ ଜଣକ ତାଙ୍କ ଦୁଃଖର କାହାଣୀ କହିଥିଲେ। ଘରକୁ ଗଲେ ବାପା ନିର୍ଯାତନା ଦେଉଥିବା ସେ କହିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଜାଣିବା ପରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଏହା ପରେ ଜିଲା ଶିକ୍ଷାଧିକାରୀ ଏ ନେଇ ରାଇଘର ଥାନାରେ ଏତଲା ଦେଇଥିଲେ। ରାଇଘର ପୋଲିସ ଅଭିଯୁକ୍ତ ବାପାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ରାଇଘର ଥାନାରେ ନଂ. ୪୨/୧୯ରେ ଏକ ମାମଲା ରୁଜୁ ହୋଇ ଥାନା ଅଧିକାରୀ ଘଟଣାର ତଦନ୍ତ କରୁଛନ୍ତି।

■ କଂଗ୍ରେସ ରାଲିରେ ଯୋଗ ଦେଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ପୂର୍ବ ଶତ୍ରୁତାକୁ ନେଇ ହତ୍ୟା, ୨ ଗିରଫ

ଝରିଗାଁ,୨୨।୪(ସ୍ୱ.ପ୍ର)

କଂଗ୍ରେସ ରାଲିରେ ଯୋଗ ଦେବାକୁ ଆସିଥିବା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୁଡ଼ିଛାପର ପଞ୍ଚାୟତ ଚିକିଲି ଗୌଡଗୁଡା ଗ୍ରାମର ଅଭିଜିତ ମଣ୍ଡଳ ନିଖୋଜ ହେବାର ୮ ଦିନ ପରେ କୁସୁମପାଣି ଜଙ୍ଗଲରୁ ପୋଲିସ ମୃତଦେହ ଉଦ୍ଧାର କରିଥିଲା। ଏହି ଘଟଣାର ତଦନ୍ତ କରି ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚିକିଲି ଗୌଡଗୁଡା ଗ୍ରାମର ଜଗବନ୍ଧୁ ପଟେଲ(୩୫) ଏବଂ ତୁଳାରାମ ଗୌଡ(୨୫) । ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସୂଚନା ଦେଇଛି।

ଗତ ୯ ତାରିଖରେ କଂଗ୍ରେସ ଏମପି ପ୍ରାର୍ଥୀ ପ୍ରଦୀପ ମାଝିଙ୍କ ବାଇକ ରାଲିରେ ଅଭିଜିତ ଯୋଗ ଦେବାକୁ ଆସିଥିଲେ। ଏହା ପରେ ସେ ଆଉ ଘରକୁ ଫେରି ନଥିଲେ। ନିଖୋଜ ହେବାର ୮ ଦିନ ପରେ କୁସୁମପାଣି ଜଙ୍ଗଲରୁ ତାଙ୍କ ମୃତଦେହ ମିଳିଥିଲା। ଅଭିଜିତଙ୍କ ବାପା ଅତୁଲ ମଣ୍ଡଳ ଝରିଗାଁ ଥାନାରେ ପୁଅକୁ ହତ୍ୟା



ହତ୍ୟା ସମ୍ପର୍କରେ ଏସ୍‌ଡିପିଓ ହେମନ୍ତ କୁମାର ପାଢ଼ୀ ସୂଚନା ଦେଉଛନ୍ତି।

କରାଯାଇଥିବା ଅଭିଯୋଗ କରିଥିଲେ। ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ ଘଟଣାର ତଦନ୍ତ କରିଥିଲେ। ୬ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ସେମାନଙ୍କ ମଧ୍ୟରୁ ଜଗବନ୍ଧୁ ଏବଂ ତୁଳାରାମ ହତ୍ୟା କରିଥିବା ଜଣାପଡିଥିଲା। ଅତୁଲଙ୍କ ପରିବାର ସହ ଜଗବନ୍ଧୁଙ୍କ ପୂର୍ବ ଶତ୍ରୁତା ରହିଥିବା ବେଳେ ତୁଳାରାମଙ୍କ ସହ ବ୍ୟବସାୟୀ ଶତ୍ରୁତା ରହିଥିଲା। ଅଭିଜିତଙ୍କୁ ହତ୍ୟା କରିବା ନେଇ ତାଙ୍କ ପଡୋଶୀ ତୁଳାରାମଙ୍କୁ ଗତ ୭ ତାରିଖରେ ଜଗବନ୍ଧୁ କହିବା ସହ ଏ ବାବଦକୁ କିଛି ଟଙ୍କା ଦେବି ବୋଲି କହିଥିଲେ ।ଗତ ୯ ତାରିଖରେ ନବରଙ୍ଗପୁର କଂଗ୍ରେସ ଲୋକସଭା ଏମପି ପ୍ରାର୍ଥୀ ପ୍ରଦୀପ ମାଝୀଙ୍କ ନିର୍ବାଚନୀ ପ୍ରଚାରର ଶେଷ ବାଇକ ରାଲି ଝରିଗାଁ ସଦର ମହକୁମାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେବା ପାଇଁ ଅଭିଜିତଙ୍କୁ ଫୋନ କରି ତୁଳାରାମ ଡାକିଥିଲେ। ଅଭିଜିତ ଝରିଗାଁ ଅଭିମୁଖେ ବାଇକରେ ବାହାରିଥିଲେ। ତୁଳାରାମ ଚନ୍ଦାହାଣ୍ଡି ଯିବା ରାସ୍ତାରେ ତାଙ୍କୁ ଅପେକ୍ଷା କରିଥିଲେ। ଅଭିଜିତ ତୁଳାରାମଙ୍କ ନିକଟରେ ପହଞ୍ଚିବା ପରେ କଂଗ୍ରେସର ବାଇକ ରାଲି ଏହି ରାସ୍ତା ଦେଇ ଯାଇଥିବା କହି କୁସୁମପାଣି ଜଙ୍ଗଲକୁ ସାଥୀରେ ଡାକି ନେଇଥିଲେ। କିନ୍ତୁ ସେ ଦିନ କାଳବୈଶାଖୀ ଯୋଗୁ ବର୍ଷା ପବନ ହେବାରୁ ବାଇକ ରାଲି କିଛି ସମୟ ପରେ ବନ୍ଦ ହୋଇଯାଇଥିଲା। କୁସୁମପାଣି ଜଙ୍ଗଲରେ ପୂର୍ବରୁ ଜଗବନ୍ଧୁ ଲୁଚି ରହିଥିଲେ। ଗୋଟିଏ ବର ଗଛ ତଳେ ଅଭିଜିତ ଏବଂ ତୁଳାରାମ ମଦ ପିଇ ବସିଥିଲେ। ଏହି ସମୟରେ ପଛପଟୁ ଜଗବନ୍ଧୁ ଆସି ଗୋଟିଏ ପଥର ସହାୟତାରେ ଅଭିଜିତଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଘଟଣା ସ୍ଥଳେ ଅଭିଜିତ ଅଚେତ ହେବା ପରେ ଦୁହେଁ ମିଶି ହତ୍ୟା କରି ଜଙ୍ଗଲ ମଧ୍ୟରେ ଫିଙ୍ଗି ଦେଇଥିବା ନେଇ ଏସଡିପିଓ ହେମନ୍ତ କୁମାର ପାଢୀ ସୂଚନା ଦେଇଛନ୍ତି । ଏ ନେଇ ଥାନାରେ ନଂ. ୨୮/୧୯ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଜଗବନ୍ଧୁ ଏବଂ ତୁଳାରାମଙ୍କୁ କୋର୍ଟ ଚାଲାଣ କରାଯାଇଛି। ଥାନାରେ ଅଟକ ରହିଥିବା ୪ ଜଣ ଯୁବକଙ୍କୁ ପୋଲିସ ପଚରାଉଚରା ପରେ ଛାଡି ଦେଇଛନ୍ତି।

# ଟାଙ୍ଗିଆ ଚୋଟରେ ଯୁବକ ଗୁରୁତର

ଝରିଗାଁ,୨୨।୪(ସ୍ୱ.ପ୍ର)

■ଅଢେଇ ଘଣ୍ଟା ବିଳମ୍ବରେ ପହଞ୍ଚିଲା ୧୦୮ ଆମ୍ବୁଲାନ୍ସ
■ଶବ ବାହକ ଗାଡିରେ ଗୁରୁତରଙ୍କୁ ନିଆଗଲା ଡାକ୍ତରଖାନା

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁଫୁଗାଁ ପଞ୍ଚାୟତ ଏକଟାଗୁଡା ଗ୍ରାମରେ ସୋମବାର ମଧ୍ୟାହ୍ନରେ ତେଲନଦୀ ପଞ୍ଚାୟତ ଭୁର୍ସିଡଙ୍ଗରୀ ଗ୍ରାମର ତିଲ ଗଣ୍ଡଙ୍କୁ କେହି ଜଣେ ଟାଙ୍ଗିଆ ଚୋଟ ମାରି ସେଠାରୁ ଫେରାର ହୋଇଯାଇଛନ୍ତି। ତିଲଙ୍କ ମୁଣ୍ଡରେ ଟାଙ୍ଗିଆ ପଶି ରହିଛି। ଖବରପାଇ ଘଟଣା ସ୍ଥଳେ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଏସ୍‌ଆଇ ଅଞ୍ଜନ କୁମାର ଜାଲ ପହଞ୍ଚି ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ୧୦୮ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ଶେଷରେ ଝରିଗାଁରେ ରହିଥିବା ଶବ ବୁହା ଆମ୍ବୁଲାନ୍ସରେ ତିଲଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ତେବେ ଅଢେଇ ଘଣ୍ଟା ବିଳମ୍ବରେ ୧୦୮ ଆମ୍ବୁଲାନ୍ସ ଝରିଗାଁ ମେଡିକାଲରେ ପହଞ୍ଚିଥିଲା । ଏହାପରେ ତିଲଙ୍କୁ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେଲନଦୀ ପଞ୍ଚାୟତ ଭୁର୍ସିଡଙ୍ଗରୀ ଗ୍ରାମର କୁମ୍ଭ ଗଣ୍ଡ ଓ ତାଙ୍କ ପୁଅ ତିଲ ଗଣ୍ଡ ଫୁଫୁଗାଁ ପଞ୍ଚାୟତ ତାରାକୋନାଡି ଗ୍ରାମରେ ରହୁଥିବା ବଡ ପୁଅ ଚିତ୍ତ ଗଣ୍ଡଙ୍କ ଘରକୁ ଆସିଥିଲେ। ମଧ୍ୟାହ୍ନ ସମୟରେ ତିଲ ଗଣ୍ଡଙ୍କ ମୁଣ୍ଡକୁ କେହି ଟାଙ୍ଗିଆରେ ଚୋଟ ପକାଇ ଚାଲିଯାଇଥିଲେ।

## ଇଷ୍ଟର ପର୍ବ ପାଳିତ

ଉମରକୋଟ,୨୨।୪(ଡି.ଏନ.ଏ)

ଉମରକୋଟ ସହରରେ ଥିବା ଜୁଇଲୁମ ଚର୍ଚ୍ଚରେ ରବିବାର ଇଷ୍ଟର ପର୍ବ ପାଳିତ ହୋଇଯାଇଛି। ଏଥିରେ ଖ୍ରୀଷ୍ଟିଆନ ଭାଇ ଭଉଣୀମାନେ ଯୋଗ ଦେଇ ପ୍ରାର୍ଥନା କରାଯାଇଥିଲା। ଏହା ପରେ ଚର୍ଚ୍ଚଠାରୁ ଏକ ଶୋଭାଯାତ୍ରା ବାହାରିଥିଲା। ପ୍ରଭୁ ଯୀଶୁଙ୍କ ପୁନଃ ଉତଥାନ ସମ୍ବନ୍ଧୀୟ ବାର୍ତ୍ତା ଓ ବାଇବେଲ ପାଠ କରାଯାଇଥିଲା। ଏଥିରେ ଖ୍ରୀଷ୍ଟ ଚନ୍ଦ୍ର ଟାକ୍ରି, ମଦନ ମୋହନ ନାୟକ, ଫିରୋଜ କୁମାର ଖରାଙ୍କ ସହ ଜେଇଏଲ ଚର୍ଚ୍ଚର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

■ କାଜୁ ଜମିକୁ ନେଇ ବିବାଦ

# ୨ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

ନବରଙ୍ଗପୁର,୨୨।୪(ବି.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ବାଣ୍ଣଆଗୁଡା ଅଞ୍ଚଳରେ କାଜୁ ଜମିକୁ ନେଇ ୨ ଗାଁ ମଧ୍ୟରେ ବିବାଦ ଦେଖାଦେଇଛି। ଏହାର ସମାଧାନ ପାଇଁ କୁହରାକୋଟ ଓ ତେଲଗାଁ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଝରିଗାଁ ବ୍ଲକ ବାଣ୍ଣଆଗୁଡା ପଞ୍ଚାୟତ କୁହରାକୋଟ ଓ ତେଲଗାଁ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି ଯେ ସରକାର ଦେଇଥିବା କାଜୁଜମିରୁ ଦେଉଳକଣା ଗ୍ରାମବାସୀ କାଜୁ ଫସଲ ଜୋର ଜବରଦସ୍ତ ନେଇ ଯାଉଛନ୍ତି। ଏହାର ପ୍ରତିବାଦ କଲେ ମାରଧର କରୁଛନ୍ତି। ଦେଉଳକଣା ଗ୍ରାମବାସୀ ଏହି ଜମି ଦେଉଳକଣା ଗାଁର ବୋଲି ଦାବି କରିବା ସହ କୁହରାକୋଟ ଓ ତେଲଗାଁ ଗାଁର ଜମି ପଟ୍ଟାଧାରୀଙ୍କୁ ଏହି ଜମିକୁ ଯିବା ପାଇଁ ଗତ କିଛି ମାସ ହେଲା ବାରଣ କରୁଛନ୍ତି। କାଜୁ ବାଡକୁ ଗଲେ ମାରଧର କରିବା ସହ ମହିଳାମାନଙ୍କୁ ଅସଦାଚରଣ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଗତ କିଛି ଦିନ ତଳେ ସେହି ଗାଁର ରାମବତୀ ପନକା ଓ ଦାମିନୀ ମାଝିଙ୍କୁ ମାଡ ମାରିଥିଲେ। ଏ ସମ୍ପର୍କରେ ଝରିଗାଁ ତହସିଲରେ ଜଣାଇବା ସହ ଝରିଗାଁ ଥାନାରେ ଏତଲା ଦେଇଥିଲୁ । ଏବେ କାଜୁ ଫଳକୁ ଦେଉଳକଣା ଗାଁର କେତେକ ବ୍ୟକ୍ତିମାନେ ନେଇ ଯାଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏତଲା



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ

ଦେଇଥିଲେ ମଧ୍ୟ କିଛି ଫଳ ମିଳୁନି। କେବଳ କେତେ ଜଣ ହୋମଗାର୍ଡଙ୍କୁ ନିୟୋଜିତ କରି ଚୁପ ରହିଛନ୍ତି। ଏବେ କାଜୁ ଗଛରେ ଫଳ ଧରିଛି। କିନ୍ତୁ ଫଳ ତୋଳି ପାରୁ ନ ଥିବାରୁ ନିରାଶ ହୋଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛୁ ବୋଲି କହିଛନ୍ତି। ବାଣ୍ଣଆଗୁଡା ପଞ୍ଚାୟତର କୁହରାକୋଟ ଓ ତେଲଗାଁ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ବାଣ୍ଣଆଗୁଡା ପଞ୍ଚାୟତର ଦେଉଳକଣା ମୌଜାରେ ୩୭ ବର୍ଷ ତଳେ ଉମରକୋଟ ତହସିଲଦାରଙ୍କ କାର୍ଯ୍ୟାଳୟ ଓ ଉଦ୍ୟାନ ବିଭାଗ ପକ୍ଷରୁ କୁହରା.୫

କୋଟ, ତେଲଗାଁ, ଦେଉଳୀକରଣ, ସିନ୍ଧିଗୁଡା ଗାଁର ଭୂମିହୀନ ପରିବାରଙ୍କୁ ପ୍ରାୟ ୧୦୦ ଏକର କାଜୁ ବଗିଚା ଦିଆଯାଇଥିଲା। ଉକ୍ତ କାଜୁ ବଗିଚାର ରକ୍ଷଣାବେକ୍ଷଣ କରିବା ସହ ଫଳ ଉପଭୋଗ କରିବେ ବୋଲି ଲିଖିତ ଭାବେ ଏକ ସତ୍ତ୍ୱ ପ୍ରଦାନ କରାଯାଇଥିଲା। ପରିବାର ପିଛା ବର୍ଷକୁ ୬ କୁଇଣ୍ଟାଲ ଲେଖାଏଁ କାଜୁ ଉତ୍ପାଦନ ହେଉଥିଲା। ଏଥିରେ ପରିବାର ଭରଣପୋଷଣ ହେଉଥିଲା। ଏବେ ଫସଲ ଚୋରି କରି ନେଇଥିବାରୁ ଆମ୍ଭେ କିପରି ଚଳିବୁ ବୋଲି କହିଛନ୍ତି । ଜିଲାପାଳଙ୍କ କାର୍ଯ୍ୟାଳୟକୁ କୁହରାକୋଟ ଓ ତେଲଗାଁ ଗ୍ରାମର ଲକି ହରିଜନ, ଛବି ଗୌଡ, ଫୁଲ ଗୌଡ, ରାମବତୀ ପନକା, ପଦ୍ମିନୀ ଗୌଡ, ସାକ୍ରୀ ଗୌଡ, ସରଦି ଗୌଡ, କମଳା ଗୌଡ ଓ ଗୋନତି ଗୌଡ, ରାମବତୀ ଗୌଡ, ଗୁରୁବାରୀ ଗୌଡ, ଜଗବନ୍ଧୁ କେଲାର, ଭଗବନା ଭତ୍ରା ପ୍ରମୁଖ ଅଭିଯୋଗ କରିବାକୁ ଆସି ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଜଣାଇଥିଲେ।

## CLASSIFIED DISPLAY













■ ୧୮ ମାସ ହେଲା ଦରମା ମିଳିନି

# ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ଡାକବଙ୍ଗଳା ଜଗୁଆଳି

ପାପଡାହାଣ୍ଡି,୨୨।୪(ଡି.ଏନ.ଏ )



ପଦଲାମ ଗୌଡ଼

ବୟସ ପାଖାପାଖି ୫୫ । ଆପଣାର ବୋଲି କେହି ନାହାନ୍ତି। ଜୀବନର ୩୦ ବର୍ଷ କାଳ ବିଭାଗରେ ସାରିଦେଲେ । ହେଲେ ଗତ ୧୮ ମାସ ପରିଶ୍ରମର ମିଳୁନି ପରିଶ୍ରମ । ଅଭିଯୋଗ ପରେ ବି ବିଭାଗ ଚୁପ ବସିଛି ।ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ପାପଡାହାଣ୍ଡି ଡାକ ବଙ୍ଗଳାର ଜଗୁଆଳି ପଦଲାମ ଗୌଡ଼ । ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାରେ ବ୍ରିଟିଶ ଅମଳରେ ନିର୍ମାଣ ହୋଇଥିଲା ଡାକ ବଙ୍ଗଳା। ପଦଲାମ ଦୀର୍ଘ ତିରିଶ ବର୍ଷ ହେଲା ଏଠାରେ ଜଗୁଆଳି ଭାବରେ କାମ କରିଆସୁଛନ୍ତି । ପରିତାପର ବିଷୟ ଗତ ୧୮ ମାସ ହେଲା ତାଙ୍କୁ ଦରମା ମିଳି ନଥିବା ଅଭିଯୋଗ କରିଛନ୍ତି। ଏ ନେଇ ସେ ପିଡବ୍ଲ୍ୟୁଡି ବିଭାଗର ଜେଇ, ନିର୍ବାହୀ ଯନ୍ତ୍ରୀଙ୍କୁ ଜଣେଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉନଥିବା ସେ କହିଛନ୍ତି । ଡାକ ବଙ୍ଗଳା ପରିସରରେ ଦୀର୍ଘ ଦିନ ହେଲା ବିଦ୍ୟୁତ ସଂଯୋଗ ନଥିବା ବେଳେ ପାନୀୟ ଜଳର ସୁବିଧା ନାହିଁ । ତଥାପି ପଦଲାମ ନିରବଚ୍ଛିନ୍ନ ଭାବେ ତାଙ୍କର କାର୍ଯ୍ୟ କରିଆସୁଛନ୍ତି। ପତ୍ନୀ ବହୁଦିନ ତଳେ ଆର ପାରିକୁ ଚାଲିଯିବା ପରେ ଗୋଟିଏ ମାତ୍ର ପୁଅ ମାନସିକ ଭାରସାମ୍ୟ ହରାଇ କେଉଁ ଆଡେ ଚାଲିଯାଇଛି। ଏପରି ସମୟରେ ମାସିକ ୫ କେଜି ଚାଉଳ ଓ ଭତ୍ତା ହିଁ ତାଙ୍କୁ ବଞ୍ଚିବାର ରାହା ସାଜିଛି । ଦରମା ଠିକରେ ମିଳୁନଥିବାରୁ ଓଳିଏ ଖାଇବା ତାଙ୍କ ପାଖେ କଷ୍ଟକର ହୋଇପଡିଥିବା କହିଛନ୍ତି। ଜିଲାପାଳ ହସ୍ତକ୍ଷେପ କରି ତୁରନ୍ତ ଦରମା ପ୍ରଦାନ ଲାଗି ବ୍ୟବସ୍ଥା କରିବାକୁ ପଦଲାମ ନିବେଦନ କରିଛନ୍ତି ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଏପ୍ରିଲ ୨୩/୨୦୧୯ Rayagada, Tuesday, April 23 / 2019

# ଅନାଥ ଶିଶୁଙ୍କ ଗହଣରେ ପୁଅ ଜନ୍ମଦିନ ପାଳିଲେ ଏସ୍‌ପି

**ମାଲକାନଗିରି,୨୨।୪(ଡି.ଏନ୍.ଏ.)**



ମାଲକାନଗିରି ଏସ୍.ପି. ଜଗମୋହନ ମିନା ତାଙ୍କ ପୁଅର ଜନ୍ମଦିନ ସୋମବାର ଅନାଥ ଶିଶୁ ଗୃହରେ ପାଳନ କରିଛନ୍ତି। ମାଲକାନଗିରି ସଦର ମହକୁମାସ୍ଥିତ ହାଇଟେକ୍ କଲୋନୀ ପରିସରରେ ଥିବା ଅନାଥ ଶିଶୁଗୃହରେ ୫୦ରୁ ଊର୍ଦ୍ଧ୍ୱ ପିଲାଙ୍କ ଗହଣରେ ଏସ୍‌ପିଙ୍କ ସହ ତାଙ୍କ ପରିବାର ପହଞ୍ଚି ସେଠାରେ ଶିଶୁଙ୍କ ଉପସ୍ଥିତିରେ କେକ୍ କାଟିଥିଲେ। ଶିଶୁମାନଙ୍କୁ ବିଭିନ୍ନ ବିଷୟ ପଚାରି ସେମାନଙ୍କୁ ସ୍କୁଲବ୍ୟାଗ୍, ବେଡଶିଟ୍ ପ୍ରଦାନ କରିଥିଲେ। ମିଠା ବାଣ୍ଟିଥିଲେ। ଏହି ଅବସରରେ ଶିଶୁମାନେ ଖୁସିରେ ନାଚ କରିଥିଲେ। ଶିଶୁଗୃହର ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ।









ସ୍ୱୟଂସହାୟିକା ଗୋଷ୍ଠୀ ପକ୍ଷରୁ ବିକ୍ରି କରାଯାଉଥିବା ଫଟୋ।

■ଆତ୍ମନିର୍ଭରଶୀଳ ପାଇଁ ନୂଆ ଅଭିଯାନ

# ଭ୍ରାମ୍ୟମାଣ ଗାଡ଼ିରେ ଫଟୋଚିତ୍ର ବିକ୍ରୟ

**ମାଲକାନଗିରି,୨୨।୪ (ସ୍ୱ.ପ୍ର.)**

ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଜିଲାର ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମାରେ ଥିବା ୩ଟି ସ୍ୱୟଂସହାୟକ ଗୋଷ୍ଠୀ ଏବେ ମିଳିତ ଭାବରେ ବିଭିନ୍ନ ହସ୍ତନିର୍ମିତ କାରୁକାର୍ଯ୍ୟ କରୁଛନ୍ତି। ବାଉଁଶ ଦ୍ୱାରା ପ୍ରସ୍ତୁତ ଫଟୋ ଫ୍ରେମ୍, ଫଟୋଚିତ୍ର, ବାଉଁଶ ଫ୍ରେମ୍ ଆଦି ତିଆରି କରି ବିଭିନ୍ନ ମେଳା, ଉତ୍ସବରେ ବିକ୍ରି କରୁଛନ୍ତି। ନାବାର୍ଡ ଏବଂ ଓର୍‌ମାସ ସହାୟତାରେ ସାବିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ, ସପ୍ତଧାରା ସ୍ୱୟଂସହାୟକ ଗୋଷ୍ଠୀ ଓ ଗାୟତ୍ରୀ ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ ଏକ ଭ୍ରାମ୍ୟମାଣ ଗାଡ଼ି କରି ଜିଲା ସାରା ବୁଲି ବୁଲି ଛକ ବଜାରରେ ସେମାନଙ୍କ ହାତ ତିଆରି ଫଟୋଚିତ୍ର ବିକ୍ରି କରୁଥିବା ଦେଖିବାକୁ ମିଳିଛି। ରୋଜଗାର ପାଇଁ ସେମାନଙ୍କ ଏପରି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଆତ୍ମନିର୍ଭରଶୀଳ ହେବାକୁ ଏହା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଏନେଇ ଗୋଷ୍ଠୀର ସଦସ୍ୟା ରତିରାଣୀ ନାୟକ, ଗୀତାଞ୍ଜଳି ମହାରଣା କହନ୍ତି ପ୍ରଥମେ ଏପରି ବ୍ୟବସାୟ କରିବା କଷ୍ଟକର ହେଉଥିଲା। ଏବେ ଠିକ୍ ଚାଲିଛି।

# ବୋରୱେଲ ପାଇଁ ଟଙ୍କା ଦେଇ ଚାଷୀ ହତାଶ

**ଚିତ୍ରକୋଣ୍ଡା,୨୨।୪(ଡି.ଏନ୍.ଏ.)**

■ହୋଇପାରୁନି ପାଣି ପରୀକ୍ଷା
■୨୪ ଚାଷୀଙ୍କ ଅଭିଯୋଗ ଶୁଣୁନି ପ୍ରଶାସନ
■ଅନ୍‌ଲାଇନ୍‌ରେ ପୁଣି ଥରେ ଆବେଦନ କର

କୃଷି ଏବଂ ଚାଷୀର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଆଦିବାସୀ ଅଞ୍ଚଳରେ ଆଦିବାସୀ ଚାଷୀଙ୍କୁ ଅନେକ ପ୍ରୋତ୍ସାହନ ଦେଉଛନ୍ତି। ମାତ୍ର ସରକାରୀ କଳର କେତେକ ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କ ପାଇଁ ସରକାରଙ୍କ ଯୋଜନାରୁ ସୁଫଳ ପାଉନାହାନ୍ତି ଚାଷୀ। ଏପରି ଏକ ଘଟଣା ଘଟିଛି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରେ। ଉକ୍ତ ଅଞ୍ଚଳରେ ଚାଷୀ ଜମିରେ ବୋରୱେଲ ଖୋଳାଇବା ଲାଗି ପାଣି ପରୀକ୍ଷା କରିବାକୁ ସ୍ଥାନ ଚିହ୍ନଟ ଲାଗି ବିଭାଗ ନିକଟରେ ୧ହଜାର ଲେଖାଏ ଟଙ୍କା ବାନ୍ଧି ୬ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ମାଟି ପରୀକ୍ଷା ହୋଇପାରିନାହିଁ। ଏନେଇ ଚାଷୀମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉନାହିଁ। ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୩ଟି ପଞ୍ଚାୟତ ଦୋରାଗୁଡା,ଗୁଣ୍ଠାୱାଡା ଓ ନୂଆଗୁଡାର ୨୪ ଜଣ ଚାଷୀ ଜଳସେଚନ ପାଇଁ ଚାଷଜମିରେ ବୋରୱେଲ ଖୋଳିବା ପାଇଁ ମାଲକାନଗିରି ଉଠା ଜଳସେଚନ ନିଗମକୁ ଦରଖାସ୍ତ କରିଥିଲେ। ପାଣି ପାଇଁ ମାଟି ପରୀକ୍ଷା ଲାଗି ସ୍ଥାନ ଚିହ୍ନଟ ପାଇଁ ଗତ ୬।୬।୨୦୧୩ରେ ଜଣ ପିଛା ୧ହଜାର ଲେଖାଏ ମୋଟ ୨୪ହଜାର ଟଙ୍କା ଦାଖଲ କରିଥିଲେ। ମାତ୍ର ଚାଷୀମାନେ ଟଙ୍କା ବାନ୍ଧିବାର ୬ ବର୍ଷ ବିତିଯାଇଥିଲେ ମଧ୍ୟ ମାଲକାନଗିରି ଉଠାଜଳସେଚନ ନିଗମ ପାଣି ବାହାରିବା ପାଇଁ ସ୍ଥାନ ପରୀକ୍ଷା କରି ଚିହ୍ନଟ କରୁନାହିଁ। ଏନେଇ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନି। ଚାଷୀ ଦେଇଥିବା ଅର୍ଥ ମଧ୍ୟ ବିଭାଗ ଫେରସ୍ତ କରୁନାହିଁ। ଉଠାଜଳସେଚନ ନିଗମର ଅଧିକାରୀଙ୍କୁ ଚାଷୀ ମାନେ ଭେଟିବାରୁ ସେ କହିଥିଲେ ଯେ, ଆଉ ପୂର୍ବଭଳି ଦରଖାସ୍ତ ରଖି ବୋରୱେଲ ଖୋଳାଯାଉନାହିଁ। ଏବେ ଅନଲାଇନ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯାଇ ଟଙ୍କା ଜମା କଲେ ସିଧାସଳଖ ବୋରୱେଲ ଖୋଳା ଯାଉଛି। ଆଉ ପାଣି ବାହାରିବା ପାଇଁ ମାଟି ପରୀକ୍ଷା କରିବା ଦରକାର ନାହିଁ ବୋଲି କହିଥିଲେ। ତେବେ ଚାଷୀ ବାନ୍ଧିଥିବା ଅର୍ଥ ସେମାନେ କିପରି ପାଇବେସେ ନେଇ ଅଧିକାରୀ ଜଣକ କିଛି କହି ନ ଥିଲେ।

■ ବିଶ୍ୱ ଧରିତ୍ରୀ ଦିବସ ପାଳିଲା ବନବିଭାଗ

# ମନୁଷ୍ୟକୃତ ତ୍ରୁଟି ପାଇଁ ବିପଦରେ ଜୀବଜଗତ

**ମାଲକାନଗିରି,୨୨।୪ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ବନ ବିଭାଗ ପକ୍ଷରୁ ବିଶ୍ୱ ଧରିତ୍ରୀ ଦିବସ ସୋମବାର ପାଳିତ ହୋଇଯାଇଛି। ଡି.ଏଫ୍.ଓ. ପ୍ରଦୀପ ମିରାଶଙ୍କ ନେତୃତ୍ୱରେ ବନଖଣ୍ଡର ସମସ୍ତ ବନାଞ୍ଚଳ ଅଧିକାରୀ, କର୍ମଚାରୀ ଓ ପରିବେଶବିତଙ୍କ ଏକ ଶୋଭାଯାତ୍ରା ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। କର୍ମଚାରୀମାନେ ବିଶ୍ୱ ଧରିତ୍ରୀ ଦିବସର ଆଭିମୁଖ୍ୟ ସମ୍ପର୍କିତ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଏହି ଅବସରରେ ସେମାନେ ବନ୍ୟଜନ୍ତୁ ସଂରକ୍ଷଣ, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ପଲିଥିନ ବର୍ଜନ, ମୃତ୍ତିକା ସଂରକ୍ଷଣ ନେଇ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ଡି.ଏଫ୍.ଓ. ମିରାଶ, ସହକାରୀ ବନ ସଂରକ୍ଷକ ଜଗଦୀଶ ପଟ୍ଟନାୟକ, ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ଯୋଗଦେଇ ବିଶ୍ୱ ଧରିତ୍ରୀ ଦିବସର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖି ଯଦି ଧରିତ୍ରୀକୁ ସୁରକ୍ଷା ନ ମିଳେ ତେବେ ଆଗାମୀ ଦିନରେ ପ୍ରକୃତି ଭୟଙ୍କର ରୂପ ନେବ ବୋଲି ଡି.ଏଫ୍.ଓ. ମିରାଶ ମତବ୍ୟକ୍ତ କରିଥିଲେ। ପୃଥିବୀରେ ଅସନ୍ତୁଳନ ଅବସ୍ଥା ପାଇଁ ଏବେ ସୁନାମି, ଭୂମିକମ୍ପ, ଘୂର୍ଣ୍ଣିବାତ୍ୟା ସହ ଜଳବାୟୁରେ ପରିବର୍ତ୍ତନ ଘଟି ବିଭିନ୍ନ ବିପର୍ଯ୍ୟୟମାନ ସୃଷ୍ଟି ହେଉଛି ବୋଲି ଅନ୍ୟ ଅତିଥିମାନେ ପ୍ରକାଶ କରିଥିଲେ। ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ବନପାଳ ଦୀପଙ୍କର ଶିଉଳିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ବନ ବିଭାଗ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଚିତ୍ରକୋଣ୍ଡା, ୨୨।୪ (ଡି.ଏନ.ଏ.):** ଚିତ୍ରକୋଣ୍ଡା ଥାନା ଅନ୍ତର୍ଭୁକ୍ତ ପାପରମେଟ୍ଲା ପଞ୍ଚାୟତ ବିଡାନପାକାନା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ଏହି ଗ୍ରାମର ସଦା ଖରାଙ୍କ ସ୍ତ୍ରୀ ଲକ୍ଷ୍ମୀଦେଈ ଖରା (୫୫)ଙ୍କ ମୃତଦେହ ରବିବାର ପାପରମେଟ୍ଲା ନଦୀରେ ଭାସୁଥିବାର ଦେଖିବାକୁ ମିଳିଥିଲା। ନଦୀରୁ ମୃତଦେହ ଉଦ୍ଧାର କରି ପରିବାର ଲୋକେ ସତ୍କାର ଲାଗି ପ୍ରସ୍ତୁତି ଚଳାଇଥିବା ସମୟରେ ଖବର ପାଇଁ ପାପରମେଟ୍ଲା ଥାନା ଅଧିକାରୀ ମାଧବ ବେହେରା ପହଞ୍ଚି ଏହାକୁ ଜବତ କରିଥିଲେ। ଏନେଇ ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ଲାଗି ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଲକ୍ଷ୍ମୀ ନିଜେ ନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ କିଏ ମାରି ନଦୀରେ ଫିଙ୍ଗି ଦେଇଛନ୍ତି ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତାଙ୍କ ମୃତଦେହର କେତେକ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ଏପରି ଆଶଙ୍କା ପ୍ରକାଶ ପାଇଛି। ତେବେ ବ୍ୟବଚ୍ଛେଦ ପରେ ପ୍ରକୃତ ସତ୍ୟ ଜଣାପଡିବ ବୋଲି ବେହେରା କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଦୁଇବର୍ଷ ତଳେ ଲକ୍ଷ୍ମୀଙ୍କ ସ୍ୱାମୀ ସଦା ତୋଟାଗୁଡା ହଳପଡା ଯାତ୍ରା ଦେଖିବାକୁ ଆସି ତାଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ଘଟିଥିଲା। ଏହି ଘଟଣା ଥାନାକୁ ନ ଆସି ଚାପି ହୋଇ ରହିଯାଇଥିଲା। ଏବେ ୨ ବର୍ଷ ପରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ କିଏ ହତ୍ୟା କରିଛି ତାହା ସନ୍ଦେହ ଘେରରେ ରହିଛି। ଘଟଣା ପୋଲିସ ଦୃଷ୍ଟିକୁ ଆସିବା ପରେ ଏହାର ଖୋଳତାଡ ଆରମ୍ଭ ହୋଇଛି।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଯେଉଁ ଲୋକ ନିଜକୁ ସୁଖୀ ବୋଲି ନ ବିଚାରେ, ତାକୁ କେହି ସୁଖ ଦେଇପାରିବେ ନାହିଁ।
-ଆଣ୍ଟୋନିନ୍ସ



## ସଂକ୍ଷେପରେ

### ନୂତନ ଶିବମନ୍ଦିର ପାଇଁ ଶିଳାନ୍ୟାସ



ପାରଳାଖେମୁଣ୍ଡି, ୨୨।୪ (ସ୍ୱ.ପ୍ର.): ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର ଡାଲିମ୍ବପୁର ଗ୍ରାମରେ ଗତ ବର୍ଷେ ତଳେ ବାରୁଣେଇ ବୁଡ ବେଳେ ଯେଉଁ ଶିବ ଲିଙ୍ଗ ଦୃଷ୍ଟିଗୋଚର ହୋଇଥିଲା ସେଠାରେ ଏକ ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟ ସୋମବାର ଶେଷ ହୋଇଛି। ବାରୁଣେଇ ବୁଡ କମିଟି ପକ୍ଷରୁ ଏଠାରେ ଏହି ମନ୍ଦିର ପ୍ରତିଷ୍ଠା ହେବ। ଶିଳାନ୍ୟାସ କାର୍ଯ୍ୟ ବେଳେ କେରାଣ୍ଡି ସରପଞ୍ଚ ରେଗେଡି ରାଣୀ, ପୂର୍ବତନ ସରପଞ୍ଚ ସୁନୀଲ ମହାପାତ୍ର, ଆର୍.ଡେଲେୟା, ଜଗନ୍ନାଥ ରାଜୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ୭୦ବର୍ଷ ଅନ୍ତରରେ ଏଠାରେ ମହାବାରୁଣେଇ ବୁଡ ପଡିଥିଲା। ସେତେବେଳେ ଓଡିଶା ଓ ଆନ୍ଧ୍ରର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ବୁଡ ପକାଇଥିଲେ।

### ବନ ବିଭାଗ ପକ୍ଷରୁ ବିଶ୍ୱ ଧରିତ୍ରୀ ଦିବସ ପାଳିତ

ପାରଳାଖେମୁଣ୍ଡି, ୨୨।୪ (ସ୍ୱ.ପ୍ର.) : ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ବିବେକ କୁମାର ଯୋଗଦେଇ ଜଙ୍ଗଲ ସୁରକ୍ଷା, ପଶୁପକ୍ଷୀ ସୁରକ୍ଷା, ପ୍ରଦୂଷଣ, ବେଆଇନ ପଶୁପକ୍ଷୀ ଶିକାର ନ କରିବା ଲାଗି ପରାମର୍ଶ ଦେଇଥିଲେ। ବୃକ୍ଷରୋପଣ କରି ବିଶ୍ୱକୁ ବଞ୍ଚାଇପାରିବା ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ବନ ଅଧିକାରୀ ଏମ୍.ନରସିଂହମ, ଅଧ୍ୟକ୍ଷ ଡ.ଏସ୍.କେ. ମଲ୍ଲିକ, ସହକାରୀ ବନଅଧିକାରୀ ପ୍ରଭାକର ନାୟକ, ଶିବଶଙ୍କର ସାବତ, ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ଗୌଡଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




# ପ୍ରଶାସନ ଦୃଷ୍ଟି ଆଢୁଆଳରେ ଝୋଡ଼ିଆପଡ଼ା

ରାୟଗଡା ଅଫିସ୍, ୨୨।୪



ମହିଳାମାନେ ପାଣି ନେଇ ଆସୁଛନ୍ତି।

- ପାଣି ପାଇଁ ଚାଲିବାକୁ ପଡେ ଅଧ କି.ମି.
- ଗାଁକୁ ନାହିଁ ପକ୍କା ରାସ୍ତା
- ଆବାସ ଯୋଜନା ଅପହଞ୍ଚ, ମିଳୁନି ଭତ୍ତା

ରାୟଗଡା ସହରର ୨୪ନମ୍ବର ୱାର୍ଡରେ ରହିଛି ଝୋଡିଆପଡ଼ା ବସ୍ତି। ଏହି ବସ୍ତିରେ ୪୪ଟି ପରିବାରରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ହେଲେ ସେମାନଙ୍କୁ ଯେଉଁ ସୁବିଧା ଉପଲବ୍ଧ ହେବାକଥା ତାହା ହେଉନାହିଁ। ପାନୀୟ ଜଳ ଠାରୁ ଆରମ୍ଭକରି ରାସ୍ତା, ପକ୍କାଘର ଭଳି ଅନେକ ଯୋଜନାରୁ ଏମାନେ ବଞ୍ଚିତ। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି।

ପ୍ରକାଶ ଯେ, ପ୍ରଶାସନ ପକ୍ଷରୁ ଝୋଡିଆପଡା ବସ୍ତିରେ ଗୋଟିଏ ହେଲେ ନଳକୂପ ଖନନ କରାଯାଇ ନାହିଁ କିମ୍ବା ପାଇପ ଜଳ ଯୋଗାଣର ବ୍ୟବସ୍ଥା କରାଯାଇନାହିଁ। ୩୨୬ନମ୍ବର ଜାତୀୟ ରାଜପଥ କଡରେ ପଥଚାରୀଙ୍କ ପାଇଁ ରହିଥିବା ନଳକୂପ ସେମାନଙ୍କ ଶୋଷ ମେଣ୍ଟାଉଛି। ରାତି ପାହିଲେ ସାମାନ୍ୟ ପିଇବା ପାଣି ପାଇଁ ଏହି ବସ୍ତିର ଲୋକେ ସଂଗ୍ରାମ କରୁଛନ୍ତି। ବସ୍ତିଠାରୁ ପ୍ରାୟ ୫୦୦ମିଟର ଦୂରରେ ଥିବା ନଳକୂପକୁ ଯାଇ ଜଳ ସଂଗ୍ରହ କରୁଛନ୍ତି। ସେହି ଗୋଟିଏ ନଳକୂପ ଉପରେ ବସ୍ତିବାସୀ ଓ ପଥଚାରୀମାନେ ନିର୍ଭର କରନ୍ତି। ହେଲେ କେଉଁ କାରଣରୁ ପାନୀୟ ଜଳ ଯୋଗାଣ ହେଉନାହିଁ ତାହାର ସଠିକ୍ ଉତ୍ତର କାହା ନିକଟରେ ନାହିଁ।

ପାନୀୟ ଜଳ ସଂଗ୍ରହ କରିବାକୁ ଯାଇ ମହିଳାମାନେ ଦୁର୍ଘଟଣାର ଶିକାର ହେଉଥିବା ନଜିର ମଧ୍ୟ ରହିଛି। ସେହିଭଳି ବସ୍ତିକୁ ଯାତାୟାତ କରିବା ପାଇଁ ରାସ୍ତା ଖଣ୍ଡିଏ ମଧ୍ୟ ନାହିଁ। ବସ୍ତି ସ୍ଥାପନ ବେଳେ ଯେଉଁ ମାଟି ରାସ୍ତା ଖଣ୍ଡିଏ ନିଜ ଉଦ୍ୟମରେ ନିର୍ମାଣ କରିଥିଲେ ତାହା ହିଁ ଆଜି ମଧ୍ୟ ଯାତାୟାତର ମୁଖ୍ୟ ପଥ ପାଲଟିଛି। ରାସ୍ତା ପାଇଁ ସରକାରଙ୍କ କେତେ ଯୋଜନା ରହିଛି, ହେଲେ ଗୋଟିଏ ମଧ୍ୟ ଯୋଜନା ସହର ଭିତରେ ଥିବା ଏହି ବସ୍ତିରେ କାର୍ଯ୍ୟକାରୀ ହୋଇପାରିନାହିଁ। ଯେଉଁଠି ପିଇବା ପାଣି ଓ ରାସ୍ତାଭଳି ମୌଳିକ ସୁବିଧା ଲୋକଙ୍କ ପାଖରେ ନାହିଁ ସେଠି ଅନ୍ୟାନ୍ୟ ଯୋଜନା କଥା ଚିନ୍ତା କରାଯାଇନପାରେ। ସହରର ସମସ୍ତ ବସ୍ତିରେ ଥିବା କଚା ଘରକୁ ପକ୍କା କରିବାର ଯୋଜନା ୨୦୧୬ରେ ସରକାର ପ୍ରଣୟନ କରିଛନ୍ତି। ହେଲେ ଏହି ବସ୍ତିରେ ଥରେ ମଧ୍ୟ ସର୍ଭେ କରାଯାଇନାହିଁ। ୨୦୧୮ରେ ଯେଉଁ ସର୍ଭେ କରାଯାଇଥିଲା, ସେହି ସମୟରେ ଝୋଡିଆପଡା ବାଦ ପଡିଛି। ଯଦ୍ୱାରା ଗୋଟିଏ ମଧ୍ୟ ହିତାଧିକାରୀଙ୍କୁ ପୌର ପରିଷଦ ଚୟନ କରିପାରିନାହିଁ। ଫଳରେ ଛଣ ଛପର ଓ ମାଟି ଘରେ ଏଠାକାର ୪୪ ପରିବାର ରହିବା ପାଇଁ ବାଧ୍ୟ ହେଉଛନ୍ତି। ଗତବର୍ଷ ସାମୁଦ୍ରିକ ଝଡ ତିତ୍ଲି ଏହି ବସ୍ତିର ସମସ୍ତ ଘରର ଛପର ଉଡାଇ ଦେଇଥିଲା। ତାପରେ ମଧ୍ୟ ପକ୍କାଘର ପ୍ରଦାନ ନେଇ କୌଣସି ଯୋଜନା କରାଗଲା ନାହିଁ। ଫଳସ୍ୱରୂପ ବର୍ତ୍ତମାନ ମଧ୍ୟ ବର୍ଷା ଓ ବାତ୍ୟାର ଚିନ୍ତା ବସ୍ତିବାସିନ୍ଦାଙ୍କୁ ଘାରୁଛି। ବସ୍ତିରେ ଅନେକ ବୃଦ୍ଧାବୃଦ୍ଧ ଓ ବିଧବା ଭତ୍ତା ପାଇବାରୁ ବଞ୍ଚିତ ମଧ୍ୟ ରହିଛନ୍ତି।

■ ଗଞ୍ଜେଇ କାରବାରକୁ ନେଇ ହତ୍ୟା ଘଟଣା

# ୩ଜଣ ନିର୍ଦ୍ଦୋଷରେ ଖଲାସ

ଗୁଣପୁର,୨୨।୪(ଡି.ଏନ୍.ଏ.)

ଗଞ୍ଜେଇ କାରବାରକୁ ନେଇ ଘଟିଥିବା ଏକ ହତ୍ୟାକାଣ୍ଡର ରାୟ ଗୁଣପୁର ଏଡିଜେଙ୍କ କୋର୍ଟରେ ସୋମବାର ପ୍ରକାଶ ପାଇଛି। ଏହି ଘଟଣାରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ଏଡିଜେ ନିଶଥ ନିଶଙ୍କ ୩ଜଣଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ସେମାନେ ହେଲେ ଜଗତସିଂହପୁର ଜିଲା ଏରସମା ଥାନା ଅଧୀନ କନାଗଳି ଅଞ୍ଚଳର ସନାତନ ଦାସ, ପଦ୍ମପୁର ଥାନା ଅଧୀନ ସର୍ଗିଗୁଡା ଅଞ୍ଚଳର ରାମ ଦାସ ଗାଣ୍ଡା ଓରଫ ଛୁଟା ଏବଂ ରଘୁନାଥପୁର ଅଞ୍ଚଳର ବୁଡୁଲିମା ଓରଫ ଆଶିଷ। ସେମାନେ ଉମେଶ ପରିଜାଙ୍କୁ ହତ୍ୟା କରିଥିବା ନେଇ ପଦ୍ମପୁର ଥାନାରେ ଅଭିଯୋଗ ହୋଇଥିଲା।

ପ୍ରକାଶ ଯେ, ୨୦୧୫ ଜୁଲାଇ ୧ରେ ଉମେଶ ଏବଂ ସନାତନ ଦାସ ଗଞ୍ଜେଇ କାରବାର କରିବା ପାଇଁ ରାୟଗଡା ଜିଲା ପଦ୍ମପୁର ଅଞ୍ଚଳକୁ ଆସିଥିଲେ। ଉମେଶଙ୍କ ଘର ଜଗତସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ଷଣ୍ଡପୁର ଗ୍ରାମରେ ହୋଇଥିବାବେଳେ ସନାତନଙ୍କ ଘର ଏରସମା ଥାନା ଅଧୀନ କନାଗଳି ଅଞ୍ଚଳରେ। ଆସିବାର ଦୁଇ ଦିନ ପରେ ଅର୍ଥାତ ୩ ତିରାଖରେ ପଦ୍ମପୁର ଥାନା ଅଧୀନ ସୌରାବିକ୍ରମପୁର ଅଞ୍ଚଳରେ ଉମେଶଙ୍କ ମୃତଦେହ ଠାବ କରାଯାଇଥିଲା। ଏ ନେଇ ଉମେଶଙ୍କ ପୁତୁରା ମିହିର ୫ ତାରିଖରେ ପଦ୍ମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପଦ୍ମପୁର ପୋଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏଥିରେ ସନାତନ, ରାମ ଓ ବୁଡୁଲିମାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପରେ ଏହି ଘଟଣାରେ ପଦ୍ମପୁର ପୋଲିସ ରାଧାକାନ୍ତ ନାୟକ ଏବଂ ଲକ୍ଷ୍ମିକାନ୍ତ ନାୟକଙ୍କୁ ମଧ୍ୟ ଗିରଫ କରିଥିଲା। ସନାତନ, ରାମଦାସ ଏବଂ ବୁଡୁଲିମା ହାଇକୋର୍ଟଙ୍କ ଆଦେଶ କ୍ରମେ ଜାମିନରେ ଆସିଥିଲେ। ଅନ୍ୟ ୨ ଅଭିଯୁକ୍ତ ଗୁଣପୁର ଜେଲରେ ଅଛନ୍ତି। ସନାତନଙ୍କ ପାଇଁ ସିମାଞ୍ଚଳ ପଟ୍ଟନାୟକ, ବୁଡୁଲିମାଙ୍କ ପାଇଁ ଭାଗିରଥୀ ବାଙ୍ଗାରି ଏବଂ ରମାଦାସଙ୍କ ପାଇଁ ଓକିଲ ବିଷ୍ଣୁ ପାଢି ମାମଲା ପରିଚାଳନା କରୁଥିଲେ। ସରକାରଙ୍କ ପକ୍ଷରୁ ଗଦାଧର ପଣ୍ଡା ମାମଲା ପରିଚାଳନାକରୁଥିଲେ।

# ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣକୁ ବିରୋଧ



ରାସ୍ତା ନିର୍ମାଣ ପାଇଁ ବାଲିଗୋଡ଼ି ଗଦା ହୋଇଛି।

ପାରଳାଖେମୁଣ୍ଡି, ୨୨।୪ (ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଗାରବନ୍ଧଠାରୁ ରାମଚନ୍ଦ୍ରପୁର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ବେଳେ ଏନେଇ ଏକ ଅଭିଯୋଗ ଉଠିଛି। ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ ସ୍ୱର୍ଗତ ତ୍ରିନାଥ ସାହୁଙ୍କ ବ୍ୟକ୍ତିଗତ ଜମିରେ ଏହି ରାସ୍ତା ନିର୍ମାଣ ସକାଶେ ବିଭିନ୍ନ ସାମଗ୍ରୀ ମାଟି, ଗୋଡି, ବାଲି ଗଦାଯାଇଥିବା ଅଭିଯୋଗ ହୋଇଛି। ଏନେଇ ତାଙ୍କ ବଡ ଝିଅ ମିନାକ୍ଷୀ ସାହୁ, ପୁଅ କୁନା କୁମାର ସାହୁ ଓ ମନୋଜ ସାହୁ ଜିଲାପାଳଙ୍କ ସମେତ ସ୍ଥାନୀୟ ତହସିଲଦାର, ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଓ ଠିକା କମ୍ପାନୀର ମୁଖ୍ୟଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସେମାନେ ଜଣାଇଛନ୍ତି ଯେ, ଆମ ପୈତୃକ ଗ୍ରାମ ଗାରବନ୍ଧରୁ ରାମଚନ୍ଦ୍ରପୁର ରାସ୍ତା ପର୍ଯ୍ୟନ୍ତ ରହିଥିବା ବ୍ୟକ୍ତିଗତ ଜମିଗୁଡିକରେ ଠିକା ସଂସ୍ଥା କପିଳାସ ଇନ୍‌ଫ୍ରା ପକ୍ଷରୁ ରାସ୍ତା ପ୍ରଶସ୍ତୀକରଣ ଲାଗି ବିଭିନ୍ନ ସାମଗ୍ରୀ ରାସ୍ତା ପାର୍ଶ୍ୱରେ ପକାଇ ରଖାଯାଇଛି। ଆମର ବିନା ଅନୁମତିରେ କିମ୍ବା ତହସିଲଦାରଙ୍କ ବିନା ନିର୍ଦ୍ଦେଶରେ ରାତିଅଧିଆ ମାଟି, ଚିପ୍‌ସ, ବାଲି ପକାଯାଇଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଜିଲାପାଳ ଦୃଷ୍ଟି ଦେବାକୁ ପରିବାର ଲୋକେ ଦାବି କରିଛନ୍ତି।

# ଭାଲିଆପଦରବାସୀଙ୍କ ଶୋଷ ମେଣ୍ଟାଉଛି ଝରଣାପାଣି



ଭାଲିଆପଦାବାସୀ ସମସ୍ୟା ସମ୍ପର୍କରେ ଜଣାଉଛନ୍ତି।

ଚନ୍ଦ୍ରପୁର, ୨୨।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ପିସ୍କାପଙ୍ଗା ପଞ୍ଚାୟତ ଅଧୀନ ଭାଲିଆପଦର ଗ୍ରାମରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନଳକୂପ ଅଚଳ ହୋଇ ପଡିଛି। ଫଳରେ ଗାଁରେ ବସବାସ କରୁଥିବା ୧୦ଟି ଅନସୂଚିତ ଜନଜାତି ପରିବାରଙ୍କ ଶୋଷ ମେଣ୍ଟାଉଛି ଝରଣା ପାଣି। ଗ୍ରୀଷ୍ମ ପ୍ରବାହ ବଢୁଥିବାରୁ ଉକ୍ତ ଝରଣା ପାଣି ଶୁଖିଶୁଖି ଯାଉଛି। ଏବେ ବି ବଂଶଧାରା ନଦୀ ପାଖରେ ଚୁଆ ଖୋଳି ପାଣି ସଂଗ୍ରହ କରିବାକୁ ପଡୁଛି। ଆଗକୁ ସମସ୍ୟା ବଢିବ ବୋଲି ଗ୍ରାମର ମୁକେଶ ଗଗେରେଙ୍ଗା, ବିଗୁଡ଼ା କିମ୍ବାକା, ସମରା କିମ୍ବାକା, ଭୀମ ଗଗେରେଙ୍ଗା, ଅନିତା ଗଗେରେଙ୍ଗା, ସୁକୁଲି ଗଗେରେଙ୍ଗା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ଗାଁକୁ ଭଲ ରାସ୍ତାଟିଏ ନାହିଁ। ସେହିଭଳି ଗାଁରୁ ଜଣଙ୍କୁ ମଧ୍ୟ ଆବାସ ଯୋଜନାରେ ଘରଟିଏ ମିଳିନି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି ନିତ୍ୟକର୍ମ ପାଇଁ ସେମାନଙ୍କୁ ବଂଶଧାରା ନଦୀ ଉପରେ ନିର୍ଭର କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏହି ସମସ୍ରା ପ୍ରତି ଦୃଷ୍ଟି ଦେଇ ସମାଧାନ କରିବାକୁ ଦାବି କରାଯାଉଛି ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଚନ୍ଦ୍ରପୁର ଦାୟିତ୍ୱରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ପଚାରିବାରୁ ନିର୍ବାଚନ ପରେ ଜଣାପଡିବ। ପଞ୍ଚାୟତ ପକ୍ଷରୁ ନୂତନ କୂଅ ଖୋଳଯାଇପାରିବ ବୋଲି ସେ କହିଛନ୍ତି।

## ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ଗୋଷାଣୀ,୨୨।୪(ଡି.ଏନ୍.ଏ.)

ପତ୍ନୀଙ୍କୁ ଯୌତୁକ ନିର୍ଯାତନ ଦେବା ଅଭିଯୋଗରେ ରାୟଗଡ଼ ଜିଲାର ବାଣପୁର ସବ୍ ଡିଭିଜନର ମିଟୁ ଗୌଡ଼ଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶଯେ, ଗଜପତି ଜିଲାର ଗରବନ୍ଧ ଥାନା ଅନ୍ତର୍ଗତ ଲାବାନଗଡ଼ ଗ୍ରାମର ଝିଲି ଗୌଡ଼(୨୪)ଙ୍କୁ ଗତ ୨୦୧୩ ମସିହାରେ ରାୟଗଡ଼ ଜିଲାର ବାଣପୁର ସବ୍ ଡିଭିଜନର ମିଟୁ ଗୌଡ଼(୩୩) ବିବାହ କରିଥିଲେ। ସେମାନଙ୍କର ଗୋଟିଏ ପୁଅ ଓ ଝିଅ ମଧ୍ୟ ଅଛନ୍ତି। ବିବାହ ସମୟରେ ଝିଲି ଯୌତୁକ ସମେତ ଅନ୍ୟାନ୍ୟ ଜିନିଷ ଆଣିଥିଲେ। କିନ୍ତୁ ମିଟୁ ଅଧିକ ଯୌତୁକ ଆଣିବା ପାଇଁ ଝିଲିଙ୍କ ଉପରେ ଚାପ ପକାଇବା ସହ ନିର୍ଯାତନା ଦେଉଥିଲେ। ଫଳରେ ଝିଲି ଶାଶୁ ଘର ଛାଡି ନିଜ ବାପା ଘରକୁ ଚାଲିଆସିଥିଲେ। ଇତିମଧ୍ୟରେ ମିଟୁ ଦ୍ୱିତୀୟ ବିବାହ କରିଥିବା ସୂଚନା ପାଇ ଝିଲି ଗଜପତି ଜିଲାର ଗରବନ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଗରବନ୍ଧ ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସୋମବାର ଗୁଣପୁରରୁ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏନେଇ କେସ୍ ନଂ ୫/୧୯ରେ ଏକ ମାମଲା ରୁଜୁ ହୋଇଛି।

# ଜାଲ୍ ନୋଟ୍‌କୁ ନେଇ ଲୋକେ ଛାନିଆ

ରାୟଗଡ (ଗଜପତି), ୨୨।୪(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମା ସମେତ ବିଭିନ୍ନ ଅଞ୍ଚଳରେ ଜାଲ ନୋଟ କାରବାର ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଏହାକୁ ନେଇ ବ୍ୟବସାୟୀ ଓ ଲୋକଙ୍କ ମଧ୍ୟରେ ଛନକା ପଶିଛି। ରାୟଗଡ ବଜାର ସମେତ ଆଖପାଖ ଅଞ୍ଚଳକୁ ୫ଶହ, ୨ଶହ, ଶହେ ଏବଂ ପଚାଶ ଟଙ୍କିଆ ଜାଲ ନୋଟ୍ ଆସୁଥିବା ଆଲୋଚନା ହେଉଛି। ଫଳରେ ବ୍ୟବସାୟୀମାନେ ବର୍ତ୍ତମାନ ନୋଟଗୁଡିକୁ ଭଲ ଭାବେ ତନଖି କରି ରଖୁଛନ୍ତି। ଯଦି କୌଣସି ନୋଟ ଉପରେ ସନ୍ଦେହ ହେଉଛି ତେବେ ତାହାକୁ ରଖିବାକୁ ସିଧା ସଳଖ ମନା କରି ଦେଇଥିବା ଦେଖିବାକୁ ମିଳିଛି। ନିର୍ବାଚନ ପରେ ଏହି ଜାଲ ନୋଟ କାରବାର ବଢିଥିବା ଆଲୋଚନା ହେଉଛି। ତେବେ ଜାଲ ନୋଟ କାରବାର ନେଇ ରାୟଗଡ଼ ଥାନାରେ ଅଭିଯୋଗ ହୋଇନାହିଁ।

■ ବଜ୍ରକାପ୍ତା ଚୋରା ଚାଲାଣ ମାମଲା

# ପୁଣି ଜଣେ ଅଭିଯୁକ୍ତ ଗିରଫ

ଗୁଣପୁର/ଗୋଷାଣି ୨୨।୪(ଡି.ଏନ୍.ଏ.)



ଗିରଫ ଅଭିଯୁକ୍ତ ଅଭିରାମ ଶବର

ବଜ୍ରକାପ୍ତା ଚୋରା ଚାଲାଣ ଘଟଣାରେ କ୍ରାଇମବ୍ରାଞ୍ଚ ସ୍ପେସିଆଲ ଟାସ୍କ ଫୋର୍ସ ସୋମବାର ପୁଣି ଜଣଙ୍କୁ ଗିରଫ କରିଛି। ସେ ହେଲେ ଅଭିରାମ ଓରଫ ଆବ୍ରାହାମ ଶବର(୨୬)। ଅଭିରାମଙ୍କ ଘର ଗଜପତି ଜିଲା ଗାରାବନ୍ଧ ଥାନା ମିଲିଗୁମା ଅଞ୍ଚଳରେ। କ୍ରାଇମବ୍ରାଞ୍ଚ ସ୍ପେସିଆଲ ଟାସ୍କ ଫୋର୍ସର ଡିଏସ୍‌ପି ବିଳାସିନୀ ନାୟକଙ୍କ ନେତୃତ୍ୱ ଓ ଗାରାବନ୍ଧ ପୋଲିସ ସହାୟତାରେ ଅଭିରାମଙ୍କୁ ଗିରଫ କରାଯାଇଛି। ଅଭିରାମଙ୍କୁ ସୋମବାର ସନ୍ଧ୍ୟାରେ ଗୁଣପୁର ଏସ୍‌ଡିଜେଏମଙ୍କ ଆବାସିକ କାର୍ଯ୍ୟାଳୟକୁ ଚାଲାଣ କରାଯାଇଥିଲା। ଏସ୍‌ଡିଜେଏମ ଅରୁନ୍ଧତୀ ଆଚାର୍ଯ୍ୟ ଅଭିଯୁକ୍ତଙ୍କୁ ୧୪ ଦିନ ପାଇଁ ଗୁଣପୁର ଜେଲ ହାଜତକୁ ପଠାଇଛନ୍ତି। ଅଭିରାମଙ୍କ ଗିରଫ ପରେ ଏହି ଘଟଣାରେ ଗିରଫ ସଂଖ୍ୟା ୬ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଜାମିନ ମିଳିଛି।

ପ୍ରକାଶ ଯେ, ବଜ୍ରକାପ୍ତା ଚାଲାଣ କରୁଥିବାବେଳେ ରାୟଗଡା ଜିଲା ଗୁଣପୁର ପୋଲିସ ୨ ମହିଳାଙ୍କ ସମେତ ୫ ଜଣଙ୍କୁ ଗତ ଡିସେମ୍ବର ୨୨ ବିଳମ୍ବିତ ରାତିରେ ଗିରଫ କରିଥିଲା। ଗିରଫ ପରେ ପୋଲିସ ସେମାନଙ୍କୁ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଥିଲା।

ଜଙ୍ଗଲ ବିଭାଗ ଏହାର ତଦନ୍ତ ଦାୟିତ୍ୱ ଜାନୁୟାରୀ ୫ରେ କ୍ରାଇମବ୍ରାଞ୍ଚକୁ ଦେଇଥିଲା। ଘଟଣା କ୍ରାଇମବ୍ରାଞ୍ଚ ଡିଏସ୍‌ପି ନାୟକଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ଜାନୁୟାରୀ ୧୦ରେ ଗୁଣପୁରଠାରେ ପହଞ୍ଚି ଅଭିଯୁକ୍ତଙ୍କୁ ୩ ଦିନ ରିମାଣ୍ଡରେ ନେବାକୁ ଏସ୍‌ଡିଜେଏମ ବିଭୁଦତ୍ତ ନାୟକଙ୍କ ନିକଟରେ ପିଟିଶନ ଦାଖଲ କରିଥିଲେ। କ୍ରାଇମବ୍ରାଞ୍ଚ ୩ ପୁରୁଷ ଅଭିଯୁକ୍ତଙ୍କୁ ତଦନ୍ତ ପାଇଁ ନେଇଥିଲେ। ପ୍ରକାଶ ଯେ, ଡିସେମ୍ବର ୨୨ ତାରିଖ ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଗୁଣପୁର ନୂତନ ବସଷ୍ଟାଣ୍ଡରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ୨ଜଣଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗାଡିରୁ ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଥିଲା। ବଜ୍ରକାପ୍ତାକୁ ପଦ୍ମପୁରରୁ ଭୁବନେଶ୍ୱର ନିଆଯାଉଥିଲା। ଏହି ଘଟଣାରେ ପୂର୍ବରୁ ଗାଡ଼ି ଡ୍ରାଇଭର ପୁରୀ ବଳଙ୍ଗା ଅଞ୍ଚଳର ଆଶିଷ ଦାସ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ବଳରାମ ବେହେରା, ପଟିଆ ଅଞ୍ଚଳର ଶୁଭଲକ୍ଷ୍ମୀ ବେହେରା, ଯାଜପୁରର ଅମୁଲ୍ୟ ବାରିକ ଏବଂ ଆନ୍ଧ୍ର ପଲାସା ଥାନା ଅଧୀନ ଗୋପିଲି ଅଞ୍ଚଳର ଲକ୍ଷ୍ମୀ ଶବରଙ୍କୁ ଗିରଫ କରାଯାଇଥିଲା। ବଳରାମ ବେହେରା, ଆଶିଷ ଦାସ, ଅମୂଲ୍ୟ ବାରିକ ଜାମିନରେ ବାହାରିଛନ୍ତି। ବର୍ତ୍ତମାନ ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଚାର୍ଜଶିଟ ଦାଖଲ କରିଛି।

# ସରିଲା ମାଣିକେଶ୍ୱରୀଙ୍କ ଝାମୁଯାତ୍ରା



ମା'ଙ୍କ ପୁଜାରୀ ନିଆଁରେ ଚାଲୁଛନ୍ତି।



ମା'ଙ୍କ ନିକଟରେ ଖଇମୁଆଁ ଭୋଗ କରାଯାଉଛି।

ମୁନିଗୁଡ଼ା, ୨୨।୪(ଡି.ଏନ୍.ଏ.)

**ଯାତ୍ରା ଯୋଗୁ ଭଲ ଫସଲ, ଅଞ୍ଚଳରେ ଏକତା ରୁହେ ବୋଲି ବିଶ୍ୱାସ ରହିଛି**

ରାୟଗଡ଼ା ଜିଲା ମୁନିଗୁଡ଼ା ନିକଟ କୁଟ୍ରାଗଡ଼ ଗାଁସ୍ଥିତ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଝାମୁ ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି। ଉକ୍ତ ଝାମୁ ଯାତ୍ରା ୧୦ତାରିଖରୁ ଆରମ୍ଭ ହୋଇଥିଲା। ପ୍ରଥମ ଦିନରୁ ମା'ଙ୍କ ଚାଙ୍ଗୁଡି, ଖଣ୍ଡା ଓ ଘଣ୍ଟ ହାଣ୍ଡିକୁ ପୂଜା କରାଯାଇଥିଲା। ଏଥିସହ ମା' ୧୦ଦିନ ଧରି ଗାଁର ପ୍ରତ୍ୟେକ ସାହି ପରିକ୍ରମା କରିଥିଲେ। ଏହି ଅବସରରେ ଗାଁର ଯୁବକମାନେ ପ୍ରତ୍ୟେକ ଦିନ ବିଭିନ୍ନ ବେଶ ଧାରଣ କରି ଗାଁରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥାନ୍ତି। ଶେଷ ଦିନରେ ପରମ୍ପରା ଅନୁଯାୟୀ କୁଟ୍ରାଗଡ଼ ଗ୍ରାମ ନିକଟ ଖଜୁରୀପଦର ଗାଁରୁ ମା'ଙ୍କ ଛତର ଅଣାଯାଇ ଗ୍ରାମ ପରିକ୍ରମା କରାଯାଇଛି। ଏହି ଛତର ପରିକ୍ରମାବେଳେ ପ୍ରତ୍ୟେକ ଘର ସଦସ୍ୟାନେ ପୂଜାର୍ଚ୍ଚନା କରାଯାଇଥାଏ। ମାଦସିକଧାରୀମାନେ ପଶୁ ପକ୍ଷୀ ବଳି ଦେବା ସହ ଏହି ଅମସରରେ ପାରା ଉଡାଇଥାନ୍ତି। ସନ୍ଧ୍ୟାରେ ମା'ଙ୍କ ମୁଖ୍ୟ ଭୋଗ ଖଇମୁଆଁ ପୂଜା କରାଯାଇ ଥାଏ। ମନ୍ଦିର ମୁଖ୍ୟ ପୁଜକ ମା'ଙ୍କ ଖଣ୍ଡାଧରି ନିଆଁରେ ଚାଲନ୍ତି। ନିଜର ଓ ଅଞ୍ଚଳର ସୁଖ ସମୃଦ୍ଧି ପାଇଁ ଲୋକେ ମା'ଙ୍କ ଆର୍ଶୀବାଦ ଭିକ୍ଷା କରିଥାନ୍ତି। ଏହି ଯାତ୍ରା ଯୋଗୁ ଅଞ୍ଚଳରେ ଏକତା ବଜାୟ ରହିବା ସହ ଫସଲ ଭଲ ହୋଇଥାଏ ବୋଲି ଗାଁର ରମେଶ ଚନ୍ଦ୍ର ମହାପାତ୍ର, ଭିବିଷଣ ମାର୍ଥା, ଅଜିତ୍ ମାର୍ଥା, ନିତ୍ୟାନନ୍ଦ ଗୁରୁ, ପଞ୍ଚାନନ ପାତ୍ର ପ୍ରମୁଖ କହିଛନ୍ତି। ଏହି ଯାତ୍ରା ଦେଖିବାକୁ ଜିଲା ଓ ଜିଲା ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।